# NATIONAL NEWS BULLETIN (ODIA)

**16 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ପୁଣିଥରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

\- ଆସନ୍ତା ୩୦ ତାରିଖରେ ପ୍ରସାରିତ ହେବ ୧୧୧ତମ ସଂସ୍କରଣ ।

- ଉପନିବେଶ ଚିନ୍ତାଧାରାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଥିବା ୩ଟି ଅପରାଧିକ ଆଇନ୍‌କୁ ଦେଶରେ କାର୍ଯ୍ୟକାରୀ କରିବା ପାଇଁ ନିଆଯାଇଛି ପଦକ୍ଷେପ ।

\- କହିଲେ କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ମେଘୱାଲ ।

- ଜାମ୍ମୁ କାଶ୍ମୀରର ସୁରକ୍ଷା ବ୍ୟବସ୍ଥା ଓ ଅମରନାଥ ଯାତ୍ରା ପ୍ରସ୍ତୁତି ନେଇ ସମୀକ୍ଷା କଲେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।
- ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ଅଷ୍ଟାଦଶତମ ସଂସ୍କରଣ ହେଲା ଆରମ୍ଭ ।

ଏବଂ

- ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ ସ୍କଟଲାଣ୍ଡ ବିପକ୍ଷରେ ୫ ୱିକେଟ୍‌ରେ ବିଜୟୀ ।

---

# ପିଏମ୍‌-ମନ୍‌ କି ବାତ୍‌

ଆକାଶବାଣୀର ମନ୍‌ କି ବାତ୍‌ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହି ପରିପ୍ରେକ୍ଷୀରେ ଆସନ୍ତା ୩୦ ତାରିଖ ରବିବାର ଦିନ ପ୍ରଧାନମନ୍ତ୍ରୀଙ୍କର 'ମନ୍‌ କି ବାତ୍‌' କାର୍ଯ୍ୟକ୍ରମ ପ୍ରସାରିତ ହେବ । ଏହା ହେବ ମନ୍‌ କି ବାତ୍‌ର ୧୧୧ତମ କାର୍ଯ୍ୟକ୍ରମ । ପ୍ରଧାନମନ୍ତ୍ରୀ ଭାବେ ତୃତୀୟଥର ପାଇଁ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେବ ଶ୍ରୀ ମୋଦୀଙ୍କର ପ୍ରଥମ ମନ୍‌ କି ବାତ୍‌ କାର୍ଯ୍ୟକ୍ରମ । ଏହାଛଡ଼ା ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦କୁ ଡାଏଲ କରି ସେମାନେ ସେମାନଙ୍କର ସନ୍ଦେଶ ହିନ୍ଦୀ କିମ୍ବା ଇଂରାଜୀରେ ରେକର୍ଡ କରିପାରିବେ । ଏଥିପାଇଁ ନରେନ୍ଦ୍ର ମୋଦୀ ଆପ୍‌ କିମ୍ବା My Gov Open Forumରେ ପ୍ରଧାନମନ୍ତ୍ରୀ ଲୋକମାନଙ୍କଠାରୁ ଆସନ୍ତା ୨୮ ତାରିଖ ସୁଦ୍ଧା ମତାମତ ଆହ୍ୱାନ କରିଛନ୍ତି।

ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନ ମାଧ୍ୟମରେ ତଥା AIR ନ୍ୟୁଜ୍‌ ୱେବ୍‌ସାଇଟ୍‌ newsonair ମୋବାଇଲ୍‌ ଆପ୍‌ରେ ପ୍ରସାରିତ ହେବ । AIR ନ୍ୟୁଜ୍‌, DD News ଏବଂ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍‌ ଚ୍ୟାନେଲରେ ମଧ୍ୟ ଉପଲବ୍ଧ ହେବ । ପ୍ରଧାନମନ୍ତ୍ରୀଙ୍କ ହିନ୍ଦୀ ଅଭିଭାଷଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତର ପ୍ରସାରଣ କରାଯିବ ।

# ଡେ ଗଭ୍ମେଣ୍ଟ ଥ୍ରୀ ନିଉ ଲଜ୍

କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି ଉପନିବେଶ ଚିନ୍ତାଧାରାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଥିବା ତିନୋଟି ଅପରାଧିକ ଆଇନ୍‌କୁ ଦେଶରେ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଏନେଇ ସରକାରଙ୍କ ପକ୍ଷରୁ ଆଜି କୋଲକାତାଠାରେ ଆୟୋଜିତ ଏକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ମେଘୱାଲ କହିଛନ୍ତି ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ଏହି ଆଇନ୍ ପ୍ରସ୍ତୁତ କରାଯାଇଛି । ସମୟ ଏବଂ ପାରିପାର୍ଶ୍ୱିକ ସ୍ଥିତି ନେଇ ଆଇନ୍‌ରେ ମଧ୍ୟ ଆବଶ୍ୟକ ସଂଶୋଧନ କରାଯିବାର ଆବଶ୍ୟକତା ଉପରେ ସେ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଆଇନ୍‌କୁ ପରିବର୍ତ୍ତନ କରାଯିବା ନେଇ ବିଭିନ୍ନ ସମୟରେ ବହୁ ବର୍ଗଙ୍କଠାରୁ ଦାବି ଉପସ୍ଥାପନ କରାଯାଇଥିଲା । ଭାରତୀୟ ନ୍ୟାୟସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଆଇନ୍ ୨୦୨୩ ଆସନ୍ତା ପହିଲାରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି । ପ୍ରତ୍ୟେକଙ୍କୁ ଠିକ୍ ସମୟରେ ଉପଯୁକ୍ତ ତ୍ୱରିତ ନ୍ୟାୟ ମିଳିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି । ଅତ୍ୟନ୍ତ ତରବରିଆ ଭାବେ ଏହି ଆଇନ୍ ତିନୋଟିକୁ ପ୍ରସ୍ତୁତ ଏବଂ ପ୍ରଚଳନ କରାଯାଇଥିବା ସଂକ୍ରାନ୍ତ ଅଭିଯୋଗକୁ ମଧ୍ୟ ଶ୍ରୀ ମେଘୱାଲ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଏହି ଆଇନ୍ ପ୍ରସ୍ତୁତ ହେବା ପୂର୍ବରୁ ପ୍ରତ୍ୟେକ ରାଜ୍ୟ, କେନ୍ଦ୍ରଶାସି ଅଞ୍ଚଳ,

ଆଇନ୍ ପ୍ରଣୟନକାରୀ ସଂସ୍ଥା, ବିଶେଷଜ୍ଞଙ୍କଠାରୁ ମତାମତ ଗ୍ରହଣ କରାଯାଥିଲା ।

ସଂସଦରେ ଏହାକୁ ପାରିତ କରାଯିବା ପୂର୍ବରୁ ମଧ ସାଧାରଣ ଜନତାଙ୍କ ଠାରୁ ଏହି ଆଇନ୍ ନେଇ ମତାମତ ମଗାଯାଇଥିଲା ବୋଲି ସେ କହିଛନ୍ତି ।

ଆଇନ୍ ଏବଂ ନ୍ୟାୟ ମନ୍ତ୍ରଣାଳୟ ତରଫରୁ ଆୟୋଜିତ ଏହି ସମ୍ମିଳନୀର ଉଦ୍‌ଘାଟନ ସମାରୋହରେ କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଟି.ଏସ୍. ଶିଭାଗ୍ନନମ୍ କହିଛନ୍ତି ୧୫୦ବର୍ଷ ତଳେ ତତ୍କାଳୀନ ବ୍ରିଟିସ ସରକାର ତାଙ୍କୁ ସୁହାଇବା ଭଳି ଏବଂ ଭାରତୀୟଙ୍କୁ କେବଳ ଦଣ୍ଡ ଦେବା ଲକ୍ଷ୍ୟରେ ଏଭଳି ଆଇନ୍ ପ୍ରଣୟନ କରିଥିଲେ । ଏବେକାର ପରିସ୍ଥିତିରେ ଆଇନ୍‌ରେ ଆବଶ୍ୟକ ପରିବର୍ତ୍ତନ କରିବାର ଥିଲା । ଗତବର୍ଷ ଡିସେମ୍ବର ମାସରେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଏହି ୩ଟିଯାକ ବିଧେୟକ ଆଇନ୍‌ରେ ପରିଣତ ହୋଇଛି ।

## ପିଏମ୍-ଯୋଗ ଭିଡିଓ

ଆସନ୍ତା ୨୧ ତାରିଖରେ ଆନ୍ତର୍ଜାତିକ ଯୋଗଦିବସର ୧୦ମ ସଂସ୍କରଣ ପାଳନର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସାମାଜିକ ଗଣମାଧ୍ୟମରେ ପଦ ହସ୍ତାସନ ଆସନର ଭିଡ଼ିଓ ଚିତ୍ର ପୋଷ୍ଟ

କରିଛନ୍ତି । ଶାରିରୀକ ଏବଂ ମାନସିକ ସୁସ୍ଥତା ପାଇଁ ଏହି ଆସନର ଉପଯୋଗିତା ସମ୍ପର୍କରେ ଏହି ଚିତ୍ରରେ ଦର୍ଶାଯାଇଛି । ଉଭୟ ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଏହାର ପ୍ରସାରଣ କରାଯାଇଛି ।

## ଲଣ୍ଡନ ଯୋଗ

ଆସନ୍ତା ୨୧ ତାରିଖ ଆନ୍ତର୍ଜାତିକ ଯୋଗ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଲଣ୍ଡନଠାରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ ପକ୍ଷରୁ ଏକ ଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଲଣ୍ଡନର ଟ୍ରାଫାଲଗର ସ୍କୋୟାରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୭୦୦ରୁ ଊର୍ଦ୍ଧ୍ୱ ଲୋକ ଆଗ୍ରହର ସହ ଯୋଗ ଦେଇଥିଲେ । ୨୦୧୫ ମସିହାରୁ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ସାରା ବିଶ୍ୱରେ ପାଳନ କରାଯାଉଛି ।

## ଲେହ-କାର୍‌ଗିଲ ବିଜୟ ଆନିଭର୍ସରୀ

କାର୍‌ଗିଲ ବିଜୟ ଦିବସ ୨୫ତମ ବାର୍ଷିକୀ ଅବସରରେ ଲଦାଖଠାରେ ଆଜି ଏକ ମିନି ମାରାଥନ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଭାରତୀୟ ସେନା ପକ୍ଷରୁ ଆୟୋଜିତ 'ରନ୍ ଫର୍ ଫନ୍' ଶୀର୍ଷକ ଏହି ପ୍ରତିଯୋଗିତାରେ ୧୫ରୁ ୧୮ ବର୍ଷର ୩୧୬ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଖ୍ରୀ ସୁଲତାନ ଟୁ ସ୍ପୋର୍ଟ୍‌ସ ଷ୍ଟାଡିୟମଠାରୁ ସକାଳ

୬ଟାରୁ ଆରମ୍ଭ ହୋଇଥିବା ଏହି ମିନି ମାରାଥନ ୫ କିଲୋମିଟର ରାସ୍ତା ଅତିକ୍ରମ କରି ପୂର୍ବାହ୍ନ ୧୧ଟା ବେଳକୁ ସେହି ଷ୍ଟାଡିୟମଠାରେ ଶେଷ ହୋଇଥିଲା । ୧୨୧ ପଦାତିକ ବାହିନୀର କମାଣ୍ଡର ବ୍ରିଗେଡିୟର ପ୍ରଥିତ ପ୍ରସାର ଏବଂ କାର୍‌ଗିଲର ଡେପୁଟୀ କମିଶନର ଶ୍ରୀକାନ୍ତ ସୁଶେ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ ।

## ସିକ୍କିମ-ଟୁରିଷ୍ଟ ଏଭାକ୍ୟୁସେନ

ସିକ୍କିମର ମନ୍‌ଗନ ଜିଲ୍ଲାର ଲାଚୁଙ୍ଗ ଏବଂ ଚୁଙ୍ଗଥାଙ୍ଗଠାରେ ପ୍ରବଳ ବର୍ଷା ଏବଂ ଭୁସ୍ଖଳନ ଯୋଗୁଁ ଅଟକି ରହିଥିବା ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ମନ୍‌ଗନ୍ ଜିଲ୍ଲାପାଳ ହେମ କୁମାର ଛେତ୍ରୀ ଆକାଶବାଣୀକୁ ସୂଚନା ଦେଇ କହିଛନ୍ତି ଖରାପ ପାଣିପାଗ ଯୋଗୁଁ ବିମାନ କିମ୍ବା ହେଲିକପ୍ଟ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇପାରୁ ନାହିଁ । ଏପରିକି ବିଭିନ୍ନ ସ୍ଥାନରେ ସଡ଼କ ଯୋଗାଯୋଗ ମଧ୍ୟ ବ୍ୟାହତ ହୋଇଛି । ତେବେ ପର୍ଯ୍ୟଟକମାନେ ହୋଟେଲ୍ ଗୁଡ଼ିକରେ ସୁରକ୍ଷିତ ଅଛନ୍ତି ବୋଲି ସେ କହିଛନ୍ତି । ପାଣିପାଗର ସ୍ଥିତି ବଦଳିବା ସଙ୍ଗେ ସଙ୍ଗେ ଉଦ୍ଧାର କାର୍ଯ୍ୟ ଉଦ୍ଧାର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବ ବୋଲି ଶ୍ରୀ ଛେତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ହଠାତ୍ ପ୍ରବଳ ବର୍ଷା ଏବଂ ଭୁସ୍ଖଳନ ଯୋଗୁଁ ସିକ୍କିମରେ ୯ଜଣଙ୍କର ମୃତ୍ୟୁ ହେବାସହ ୧୫ ବିଦେଶୀଙ୍କୁ ମିଶାଇ

୧୨ଶହରୁ ଅଧିକ ପର୍ଯ୍ୟଟକ ମନ୍‌ଗନ୍ ଜିଲ୍ଲାରେ ଅଟକି ରହିଛନ୍ତି । ଗତ ୪ ଦିନ ମଧ୍ୟରେ ସିକ୍କିମ ଏଭଳି ୨ଥର ପ୍ରାକୃତିକ ବିପର୍ଯ୍ୟୟ ଘଟିଥିବାର ଜଣାଯାଇଛି ।

## ଏଚ୍‌ଏମ୍- ହାଇ ଲେବଲ ମିଟିଂ

ଜାମ୍ମୁ-କାଶ୍ମୀରରେ ସୁରକ୍ଷା ବ୍ୟବସ୍ଥା ଏବଂ ଅମରାନାଥ ଯାତ୍ରା ପ୍ରସ୍ତୁତି ନେଇ ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି। ନିକଟରେ ଜାମ୍ମୁ-କାଶ୍ମୀରରେ ସଂଘଟିତ ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପର ପରିସ୍ଥିତି ନେଇ ଶ୍ରୀ ଶାହା ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହି ବୈଠକାରେ ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା,ଭାରତୀୟ ସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ, ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ଆଇବିର ନିର୍ଦ୍ଦେଶକ, ସେନାର ବରିଷ୍ଠ ଅଧିକାରୀ, ପୁଲିସ, ଜାମ୍ମୁ-କାଶ୍ମୀର ପ୍ରଶାସନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଛନ୍ତି।

# ଇଦ୍-ଅଲ୍-ଅଦାହ

ସଂଯୁକ୍ତ ଆରବ ଏମିରେଟ୍ସ ସମେତ ବିଶ୍ୱର ଅନ୍ୟାନ୍ୟ ପ୍ରାନ୍ତରେ ଥିବା ମୁସଲମାନ ସମ୍ପ୍ରଦାୟ ଆଜି ପବିତ୍ର ଇଦ୍-ଅଲ୍-ଅଦାହ ଉତ୍ସବ ପାଳନ କରୁଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ପ୍ରାର୍ଥନା ସଭାରେ ସେମାନେ ଯୋଗ ଦେଇଛନ୍ତି । ଏହାକୁ ବଳିଦାନର ପର୍ବ ଭାବରେ ପାଳନ କରାଯାଏ । ଏହା ବିଶ୍ୱାସ ରହିଛି ଯେ ପ୍ରଫେଟ ଇବ୍ରାହିମଙ୍କୁ ଆଲ୍ଲା ତାଙ୍କ ପୁଅ ଇସ୍ମାଇଲ୍ର ବଳିଦାନ ମାଗିଥିଲେ’ ଯାହା ବଦଳରେ ଇବ୍ରାହିମ ଏକ ମେଣ୍ଢା ଛୁଆକୁ ବଳି ପକାଇଥିଲେ । ତେବେ ସ୍ୱତନ୍ତ୍ର ପ୍ରାର୍ଥନା ମାଧ୍ୟମରେ ଇବ୍ରାହିମ ଆଲ୍ଲାଙ୍କର ଇଚ୍ଛାକୁ ପୂରଣ କରିବାକୁ ଚେଷ୍ଟା କରିଥିଲେ । ବାର୍ଷିକ ହଜ୍ ଯାତ୍ରା ଅବସରରେ ସାଉଦୀ ଆରବର ମାଉଣ୍ଟ ଆରାଫତଠାରେ ଆଜି ହଜ୍ ଯାତ୍ରୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପ୍ରାର୍ଥନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ୧୮୦ଟି ରାଷ୍ଟ୍ରରୁ ଆସିଥିବା ଦେଢ଼କୋଟିରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଚଳଚ୍ଚିତ୍ର ମହୋତ୍ସବ

ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ଅଷ୍ଟାଦଶତମ ସଂସ୍କରଣ ଆଜି ଆରମ୍ଭ ହୋଇଛି । ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଅପୂର୍ବା ବକ୍ସି ଏକ ଫିଲ୍ମ

ବଜାରର ଉଦ୍‌ଘାଟନ କରିଛନ୍ତି । ଦିଲ୍ଲୀ କ୍ରାଇମ୍ ୱେବ୍‌ସିରିଜ୍‌ର ନିର୍ମାତା ଅପୂର୍ବା ବକ୍ସି ଏବଂ ମହୋତ୍ସବର ନିର୍ଦ୍ଦେଶକ ପ୍ରିଥ୍ୟୁଲ କୁମାର ଏହି ଅବସରରେ ଉପସ୍ଥିତ ଥିଲେ । ଫିଲ୍ମ ବଜାର ପ୍ରଥମଥର ପାଇଁ ଏହି ମହୋତ୍ସବରେ ଆୟୋଜନ କରାଯାଇଛି । ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଏହି ସମାରୋହ ଅନୁଷ୍ଠିତ ହେବ ।

## ଆଇସିସି ଟି-୨୦ କ୍ରିକେଟ ବିଶ୍ୱକପ୍

ଆଇସିସି ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପ୍‌ରେ ଆଜି ଅଷ୍ଟ୍ରେଲିଆ' ସ୍କଟ୍‌ଲାଣ୍ଡକୁ ୫ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଅଷ୍ଟ୍ରେଲିଆ ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ସ୍କଟଲାଣ୍ଡ ୫ ୱିକେଟ୍ ବିନିମୟରେ ୧୮୦ ରନ୍ ସଂଗ୍ରହ କରିଥିଲା । ୧୮୬ ରନ୍‌ର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ଦୁଇଟି ବଲ୍ ବାକି ଥାଇ ୫ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ମାର୍କସ ଷ୍ଟୋଇନିସ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଆଜି ରାତି ୮ଟାରେ ଅନ୍ୟ ଏକ ମ୍ୟାଚ୍‌ରେ ପାକିସ୍ତାନ ଓ ଆୟରଲାଣ୍ଡ ମୁହାଁମୁହିଁ ହେବେ ।

## ୱେମ୍ୟାନ କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ତିନିଟିକିଆ ଦିନିକିଆ ମହିଳା କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଉଛି । ଭାରତ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଭାରତ ୪ ଓଭରରେ ୧ ୱିକେଟ୍ ହରାଇ ୧୭ରନ୍ ସଂଗ୍ରହ କରିଛି । ହରମନ୍‌ପ୍ରୀତ୍ କୌର୍ ଭାରତୀୟ ଦଳର ଅଧିନାୟିକତ୍ୱ କରୁଥିବାବେଳେ’ ଦକ୍ଷିଣଆଫ୍ରିକା ଲାଉରା ଓଲ୍‌ଭର୍ଟଙ୍କ ନେତୃତ୍ୱରେ ଏହି ସିରିଜ୍ ଖେଳୁଛି । ଦକ୍ଷିଣ ଆଫ୍ରିକାର ଚଳିତ ଭାରତ ଗସ୍ତ ସିରିଜ୍‌ରେ ଗୋଟିଏ ଟେଷ୍ଟ ମ୍ୟାଚ୍, ୩ଟି ଦିନିକିଆ ଆନ୍ତର୍ଜାତିକ ଏବଂ ୩ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ରହିଛି ।